# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୭ ନଭେମ୍ବର, ୨୦୨୫

----

**[ଜଳ ସମ୍ପଦ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଇସ୍ପାତ ଓ ଖଣି - ଯୋଜନା ଓ ସଂଯୋଜନ - ବାଣିଜ୍ୟ - ପରିବହନ - ସୂଚନା ଓ ଲୋକ ସମ୍ପର୍କ - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ଜଳଯୋଗାଣ ନିମନ୍ତେ ସର୍ଭେ

***1 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା ବ୍ଲକ ଅଂଚଳର ଚାଷଜମି ଗୁଡିକରେ ଜଳସେଚନ ପାଇଁ ତିଖାଲି ଡ୍ୟାମରୁ କେନାଲ ଯୋଗେ କିମ୍ବା ଭୂତଳ ପାଇପ ଯୋଗେ ଜଳ ଯୋଗାଣ ନିମନ୍ତେ ଜଳ ସେଚନ ବିଭାଗ ତରଫରୁ କିମ୍ବା ଅନ୍ୟ କୌଣସି ସଂସ୍ଥା ଜରିଆରେ ବିଗତ ୧୦ ବର୍ଷ ମଧ୍ୟରେ ସର୍ଭେ କରାଯାଇଥିଲା କି, ଯଦି, ହଁ ତେବେ ଉକ୍ତ ରିପୋର୍ଟ ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, (ଖ) ତୁରେକେଲା ବ୍ଲକ ଅଂଚଳକୁ ତିଖାଲି ଡ୍ୟାମ୍ କିମ୍ବା ଉପର ଲାନ୍ଥ ନଦୀରୁ ଏବଂ ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର ଅଣ ଜଳସେଚିତ ଅଂଚଳକୁ ତିଖାଲି ଡ୍ୟାମ୍ କିମ୍ବା ବାଙ୍କେଲ ଡ୍ୟାମରୁ କେନାଲ ଯୋଗେ ଜଳ ସେଚନ ସୁବିଧା ଯୋଗେଇ ଦେବାକୁ ପଦକ୍ଷେପ ନେବେ କି ?

----

### କ୍ଷତିପୂରଣ ପ୍ରଦାନ

***2 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷା ଋତୁରେ ସୁବର୍ଣ୍ଣରେଖା ନଦୀରେ କ୍ରମାଗତ ୬ ଥର ( ଛଅ) ବନ୍ୟାରେ ଉତ୍ତର ବାଲେଶ୍ୱରର ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲିଆପାଳ ତହସିଲ ଅଞ୍ଚଳରେ ଧାନଚାଷ, ପନିପରିବା ଚାଷ, ଘରଦ୍ୱାର ଓ ପାନଚାଷ ତଥା ମାଛଚାଷ କେତେ କ୍ଷୟକ୍ଷତି ହୋଇଛି ଏହାର ସବିଶେଷ ତଥ୍ୟ ସରକାରଙ୍କଠାରେ ଉପଲବ୍ଧ ଅଛି କି, ପ୍ରତ୍ୟେକଟିର ପରିମାଣ କେତେ; ଏସବୁର କ୍ଷତିପୂରଣ ବାବଦରେ ସରକାର କେତେ ଟଙ୍କା ମଞ୍ଜୁର କରିଛନ୍ତି ଓ ଚାଷୀମାନଙ୍କୁ ଏ ପର୍ଯ୍ୟନ୍ତ କେତେ ଦିଆଗଲାଣି ?

----

## ପୁରୀ ଜିଲ୍ଲାରେ ଥିବା ଦୁର୍ଲଭ ଧାତୁ

*3 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାର ବ୍ରହ୍ମଗିରି ସମୁଦ୍ରତଟ ଅଞ୍ଚଳରେ କୌଣସି ଦୁର୍ଲଭ ଧାତୁ (rare earth mineral) ଖଣିଜ ରହିଥିବା ବିଷୟରେ ଜାଣନ୍ତି କି, ଯଦି ହଁ, ତେବେ ଏହି ଖଣିଜମାନଙ୍କର ଅନୁସନ୍ଧାନ ଓ ବୈଜ୍ଞାନିକ ବ୍ୟବହାର ପାଇଁ କୌଣସି ସଂସ୍ଥାକୁ lease ଆକାରରେ ପ୍ରଦାନ କରାଯାଇଛି କି, ତେବେ କେଉଁ ସଂସ୍ଥାକୁ lease ପ୍ରଦାନ କରାଯାଇଛି ତାହା ଜଣାଇବା ସହ ତାହାର ବର୍ତ୍ତମାନର ସ୍ଥିତି କଣ ଜଣାଇବେ କି ?

----

## Formation of DMF in Gajapati District

*4 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Has the formation of the District Mineral Foundation (DMF) Been Completed in Gajapati District the details of its Members, Advisors, programs, And the Functions of the District Mineral Foundation may be provided ?

----

## ସମସ୍ତ ଜିଲ୍ଲାରେ ମିଡ଼ିଆ ସୁବିଧା କେନ୍ଦ୍ର ସ୍ଥାପନ

*5 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ସମସ୍ତ ଜିଲ୍ଲାରେ ସରକାରୀ ସୂଚନା ଓ ପ୍ରଚାର କାର୍ଯ୍ୟ ପାଇଁ ସମ୍ମିଳିତ ମିଡ଼ିଆ ସୁବିଧା କେନ୍ଦ୍ର (Integrated Media Facilitation Centre) ସ୍ଥାପନ କରିବାକୁ ବିଭାଗର କୌଣସି ପଦକ୍ଷେପ ରହିଛି କି; (ଖ) ଓଡ଼ିଶାର ଇତିହାସ ସାହିତ୍ୟ, ସ୍ୱାଧିନତା ସଂଗ୍ରାମୀ ଲୋକକଳା ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ଡ଼ିଜିଟାଲ ଆର୍କାଇଭ ଭାବେ ସଂଗ୍ରହ କରି ସାଧାରଣ ଲୋକଙ୍କ ପାଇଁ online portal platformରେ ଉପଲବ୍ଧ କରାଇବାକୁ କୌଣସି ପ୍ରୟାସ କରାଯାଇଅଛି କି ?

----

## ପରିବହନ ନିଗମରେ ଥିବା ସ୍ଥାୟୀ , ଅସ୍ଥାୟୀ କର୍ମଚାରୀ

*୬ **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପରିବହନ ନିଗମରେ କେତେ ଜଣ ସ୍ଥାୟୀ କର୍ମଚାରୀ କେଉଁ କେଉଁ ପଦବୀରେ ଅଛନ୍ତି ଓ କେତେ ଜଣ ଅସ୍ଥାୟୀ କର୍ମଚାରୀ କେତେ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି ତାର ତଥ୍ୟ ପ୍ରଦାନ କରିବା ସହ ରାଜ୍ୟ ସରକାର Contractual ବ୍ୟବସ୍ଥା ଉଚ୍ଛେଦ ହୋଇଥିବା ଦୃଷ୍ଟିରୁ ସେମାନଙ୍କୁ ସ୍ଥାୟୀ କରାନଯିବାର କାରଣ କଣ, କେବେ ସୁଦ୍ଧା ସ୍ଥାୟୀ କରାଯିବ ଏଥିଲାଗି କି ପ୍ରକାର ନଦକ୍ଷେପ ଗ୍ରହଣ କରିବେ ?

----

## ମାଛକୁଣ୍ଡ ପ୍ରକଳ୍ପର କର୍ମଚାରୀ ନିଯୁକ୍ତି

*7 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମାଛକୁଣ୍ଡ ପ୍ରକଳ୍ପରେ ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ପଚାଶ ପଚାଶ ପ୍ରତିଶତ ଭାଗ ରହିଛି, ଏହି ଘଟଣା ସତ୍ୟ କି; ଯଦି ଉତ୍ତର ହଁ ହୁଏ, ଓଡ଼ିଶାର ପଚାଶ ପ୍ରତିଶତ ଭାଗରେ କେତେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ?

----

## ବସୁନ୍ଧରା ଯୋଜନାରେ ଆବେଦନ

*୫ **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କେତେ ଜଣ ବ୍ୟକ୍ତି ଘରଡ଼ିହ ପଟ୍ଟା ଓ ଚାଷ ଜମି ପଟ୍ଟା ନିମନ୍ତେ ବସୁନ୍ଧରା ଯୋଜନାରେ ଆବେଦନ କରିଛନ୍ତି ସେମାନଙ୍କର ତାଲିକା ତହସିଲୱାରୀ ପ୍ରଦାନ କରିବେ କି ; ଆଦିବାସୀ ଭୂମିହୀନ ପରିବାରଙ୍କୁ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ଘରଡ଼ିହ ପଟ୍ଟା ଓ ଚାଷ ଜମି ପଟ୍ଟା ପ୍ରଦାନ କରିବା ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବ କି ; କେନ୍ଦୁଝର ଜିଲ୍ଲାର ବିଭିନ୍ନ ତହସିଲ ଅଧୀନରେ୨୦୧୫ - ୧୬ ରୁ ଆଜିପର୍ଯ୍ୟନ୍ତ କେତେ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ସରକାର ଘରବାଡି ପଟ୍ଟା ପ୍ରଦାନ କରିଛନ୍ତି ତା'ର ତହସିଲୱାରୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ପଦକ୍ଷେପ

*୨ **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଚତୁଃପାର୍ଶ୍ୱରେ ଥିବା ଅଞ୍ଚଳରୁ ବ୍ୟାପକ ଭାବେ ମୋରମ, ପଥର ଆଦି ଲଘୁ ଖଣିଜ ବ୍ୟାପକ ଚୋରା ଚାଲାଣ ହେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ଚୋରା ଚାଲାଣ ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଅଛି ?

----

## Status of Critical Gap Fund

*10 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) What is the status of Critical Gap Fund, (CGF) allocations recommended by the MLA for Barabati-Cuttack in 2024-25, and how much amount is still pending, (b) By when will the sanctioned and pending amounts be disbursed for the welfare of the people, what steps are being taken to ensure timely release of CGF for Barabati-Cuttack in 2025-26 ?

----

## ସମ୍ବାଦିକମାନଙ୍କୁ ଗୃହ ଋଣ ଦେବା

*11 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସମ୍ବାଦିକମାନଙ୍କୁ ଗୃହ ଋଣ ଦେବା ବ୍ୟବସ୍ଥା ରହିଛି କି, ଏହାର ସୁବିଧା ନେବା ପାଇଁ କେଉଁ ଜିଲ୍ଲାରୁ କେତେ ଜଣ ସାମ୍ବାଦିକମାନେ ଆବେଦନ କରିଛନ୍ତି ସେହି ଆବେଦନ ଉପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି, ରାଜ୍ୟର ସାମ୍ବାଦିକମାନେ ବାରମ୍ବାର ଦାବିକରି ଆସୁଥିବା ସୁରକ୍ଷା ଉପରେ କଣ ପ୍ରସ୍ତାବ ଗ୍ରହଣ କରାଯାଇଛି, ଏହା ସହ ସାମ୍ବାଦିକଙ୍କ ବାର୍ଷିକ ୩ରୁ ୧୦ ଲକ୍ଷ ଆୟ ଥିବା ସାମ୍ବାଦିକଙ୍କୁ ଗୃହ ଋଣ ଏବଂ ଯାନ ଋଣ ପ୍ରଦାନ କରିଥିବା ନିମନ୍ତେ ପ୍ରସ୍ତାବ ଆଗତ କରାଯିବ କି ?

----

## Expansion or OSRTC Bus Services

*12 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Can the Government provide details regarding the recent expansion of OSRTC bus services regions like Balangir district; (b) In light of CRUT's recognition as the 'City with the Best Public Transport System,' what steps are being taken to replicate this model in other districts of Odisha, particularly in Western Odisha; What progress has been made in the rollout of JBM electric buses across key cities in Odisha ;Are there any plans to introduce these services in Balangir district to enhance eco-friendly transport ?

----

## ଶିଳ୍ପ ସଂସ୍ଥା ଉପରେ ବକେୟା ଥିବା ଜଳ କର

*13 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଶିଳ୍ପ ସଂସ୍ଥା ଗୁଡିକ କେଉଁ ନଦୀରୁ ଶିଳ୍ପ ପାଇଁ କେତେ ଜଳ ବ୍ୟବହାର କରୁଛନ୍ତି ଏବଂ ଏ ବାବଦ ରେ ସରକାରଙ୍କୁ ବିଗତ ଦୁଇ ବର୍ଷ ରେ କେତେ ଜଳ କର ପଇଠ କରିଛନ୍ତି, କେଉଁ ସଂସ୍ଥା ଉପରେ କେତେ ଜଳ କର ବାକି ପଡିଛି, ଅନାଦେୟ ଜଳକର ଆଦାୟ ପାଇଁ କଣ ପଦକ୍ଷେପ ନିଆ ଯାଇଛି ?

----

## ଅନୁଷ୍ଠାନକୁ ସରକାରୀ ଜମି ହସ୍ତାନ୍ତର

*14 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଗତ 5 ବର୍ଷରେ ଭଦ୍ରକ ଜିଲ୍ଲାରେ କେତେ ଏକର ସରକାରୀ ଜମି କେଉଁ କେଉଁ ବିଭାଗକୁ ହସ୍ତାନ୍ତର କରାଯାଇଛି, କେତେ ପରିମାଣର ସରକାରୀ ଜମି କେଉଁ ଅବସ୍ଥାରେ ପଡି ରହିଛି, କେତେ ପରିମାଣ ଜମିକୁ କେଉଁ କେଉଁ ବେସରକାରୀ ସଂସ୍ଥା, ଅନୁଷ୍ଠାନକୁ ପ୍ରଦାନ କରାଯାଇଛି, ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ବର୍ତ୍ତମାନ ରାଜସ୍ୱ ବିଭାଗ ଅଧୀନରେ କେଉଁ କେଉଁ ଗ୍ରାମରେ କେଉଁ କିସମର କେତେ ଏକର ସରକାରୀ ଜମି ଅଛି, ତାହା ମୌଜା ୱାରୀ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, ଏବଂ ଭଦ୍ରକ ସହର ଓ ତାହାର ପାଖାପାଖି ଅଞ୍ଚଳରେ କେତେ ସରକାରୀ ଜମି ଅବୈଧ ଦଖଲ ରହିଛି ଓ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ କଣ ରହିଛି ?

----

## ବାଲିଘାଟ ଲିଜ ଏବଂ ଚୋରା ଚାଲାଣ ରୋକିବାକୁ ପଦକ୍ଷେପ

*15 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାର କେଉଁ ନଦୀର କେଉଁ ବାଲିଘାଟକୁ ବିଗତ ତିନି ବର୍ଷରେ କେତେ ମୂଲ୍ୟରେ କେଉଁ ବ୍ୟକ୍ତି ବା ସଂସ୍ଥାକୁ ଲିଜ୍ ଆକାରରେ ପ୍ରଦାନ କରାଯାଇଛି, ପ୍ରକାଶ କରି ବାଲି ଚୋରା ଚାଲାଣ ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବିଦେଶକୁ ବିମାନ ଉଡ଼ାଣ

*16 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରୁ ବିଦେଶକୁ କେତେଗୋଟି ବିମାନ ଉଡାଣ ହେଉଛି ଏବଂ କେଉଁ କେଉଁ ସହରକୁ; ପ୍ରତି ରୁଟରେ ଚାଲୁଥିବା ବିମାନର ମାସିକ ହାରାହାରି କେତେ Passenger Load Factor କେତେ ପ୍ରତିଶତ ରହୁଛି ଏବଂ ଏହି ସବୁ ବିମାନକୁ ଚଳାଇବା ପାଇଁ ସରକାର ଖାଲି ରହୁଥିବା ସିଟ ପ୍ରତି କେତେଟଙ୍କା ଭରଣ କରୁଛନ୍ତି; (ଖ) ଗତ ତିନି ଆର୍ଥିକ ବର୍ଷରେ କେଉଁ କେଉଁ ଏୟାର ଲାଇନ୍ସକୁ କେତେ ଟଙ୍କ ଏହି ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ଏବଂ ଆସନ୍ତା କେତେ ବର୍ଷ ପର୍ଯ୍ୟନ୍ତ ଏହି ଭରଣା କରାଯିବ, ରୁଟ୍-ୱାରୀ,ଏୟାର ଲାଇନ୍ସ ୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଅର୍ଥ ବିନିଯୋଗ ପରିମାଣ

*17 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଡସାହି ବ୍ଲକ ଏବଂ ବେତନଟୀ ବ୍ଲକରେ ଶେଷ 5 ବର୍ଷରେ (୧୯-20 ରୁ 25-26) Lift Irrigation ବିଭାଗରେ କେତେ ସରକାରୀ ଅର୍ଥ ବିନିଯୋଗ ହୋଇଛି, କେତେ ବାକି ଅଛି, ବଡସାହି ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ପଞ୍ଚାୟତରେ କମ୍ କାମ ହୋଇଛି କେଉଁ କେଉଁ ହିତାଧିକାରୀମାନେ ଉପକୃତ ହୋଇଛନ୍ତି, କେତେ ସରକାରୀ ଅର୍ଥ pending ଅଛି, ଏହି ଦୁଇ ବ୍ଲକରେ କେତେ କାର୍ଯ୍ୟ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଭାବରେ ଅଛି, ସେହିଭଳି ସାରା ମୟୂରଭଞ୍ଜ ଜିଲ୍ଲାରେ ବିଭାଗୱାରୀ କେତେ ଅର୍ଥ ବିନିଯୋଗ ହୋଇଛି ?

----

## ବହୁମୁଖୀ ବିପର୍ଯ୍ୟୟ ଆଶ୍ରୟ ସ୍ଥଳୀ ନିର୍ମାଣ

***18 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବହୁମୁଖୀ ବିପର୍ଯ୍ୟୟ ଆଶ୍ରୟ ସ୍ଥଳୀ ନିର୍ମାଣ ନିମନ୍ତେ ନୀତିଗତ ନିଷ୍ପତ୍ତି ନେଇଥିବା ସତ୍ୟ କି, ଯଦି ହଁ, ତେବେ ଏ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## ବାଲିଘାଟ ନିଲାମ ଦ୍ୱାରା ରାଜସ୍ୱ ଆୟ

***19 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତୋଟି ବାଲିଘାଟ ଅଛି ; କେତୋଟି ଓ କେଉଁ କେଉଁ ବାଲିଘାଟକୁ ନିଲାମ କରାଯାଇ କେତେ ବାଲି ବିକ୍ରି ପାଇଁ ଅନୁମତି ଦିଆଯାଇଛି ; ବାଲି ନିଲାମରୁ କେତେ ରାଜସ୍ୱ ବାର୍ଷିକ ମିଳୁଛି ଓ ନିଲାମ ପାଇଥିବା ବାଲି ଉତ୍ତୋଳନ କରି ବିକ୍ରି କରିବାକୁ ଅନୁମତି ପାଇଥିବା ଲିଜଧାରୀଙ୍କ ଅବଧି କେତେ?

----

## ରାଜ୍ୟରେ ବ୍ଲାକ ସ୍ପଟ୍ ଚିହ୍ନଟ

***20 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨୦୨୨ ମସିହା ଠାରୁ ଅକ୍ଟୋବର ୨୦୨୫ ମସିହା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାରେ କେତୋଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ସେଥିରେ କେତେ ଜଣଙ୍କର ମୃତ୍ୟୁ ଘଟିଛି ଓ କେତେ ଜଣ ଆହତ ହୋଇଛନ୍ତି ତାହାର ବର୍ଷ ୱାରୀ ଏକ ତାଲିକା ପ୍ରଦାନ କରିବେ କି, ଏଥିସହିତ ବାଲେଶ୍ୱର ଦେଇ ଯାଉଥିବା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ କେଉଁ କେଉଁ ସ୍ଥାନକୁ ବ୍ଲାକ ସ୍ପଟ୍ ଚିହ୍ନିତ କରାଯାଇଛି ଏବଂ ସେହି ସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

## M.I. ଡିଭିଜନ କାର୍ଯ୍ୟାଳୟ ସ୍ଥାନାନ୍ତର

***21 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ହରିଚନ୍ଦନପୁର ବ୍ଲକ M.I. ଡିଭିଜନର କାର୍ଯ୍ୟାଳୟ ବର୍ତ୍ତମାନ ଘସିପୁରା ନିର୍ବାଚନ ମଣ୍ଡଳୀ ଠାରେ ଅବସ୍ଥିତ ଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହାକୁ ତେଲକୋଇ ନିର୍ବାଚନ ମଣ୍ଡଳୀକୁ ସ୍ଥାନାନ୍ତରିତ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବିଭାଗର ସେକ୍ରେଟେରୀଙ୍କୁ ପତ୍ର ସଂଖ୍ୟା-376/2025-26 ରିଖ ତା.05.08.25 ରେ ଅବଗତ କରିଥିବା ତଥା ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଯଦି ଉତ୍ତର ହଁ ହୁଏ ତେବେ, ଏହା କେବେ ସୁଦ୍ଧା ସ୍ଥାନାନ୍ତରିତ ହେବ?

----

## ଚାଷ ଜମିର ଆଂଶିକ କିଣାବିକା

***22 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ସବରେଜିଷ୍ଟ୍ରାର ଅଫିସ ଗୁଡିକରେ ଘରବାରି ଓ ଚାଷଜମିର ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ହୋଇପାରୁନଥିବାରୁ ସାଧାରଣ ଲୋକ ଯେଉଁ ହନ୍ତସନ୍ତ ହେଉଛନ୍ତି ସେ ବାବଦରେ ଅବଗତ ଅଛନ୍ତି କି, ଚାଷଜମିର ଆଂଶିକ କିଣାବିକା ଉପରୁ ସମସ୍ତ କଟକଣାକୁ ହଟାଇ ଦିଆଯାଇଛି ବୋଲି ଗଣମାଧମରେ ପ୍ରସାରିତ ହେଉଥିବା ବେଳେ ପ୍ରକୃତରେ ଏହାର ବାସ୍ତବତା କଣ ?

----

## ଲଘୁ ଖଣିଜରୁ ରାଜସ୍ୱ ଆଦାୟ

***23 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଗତ ତିନି ବର୍ଷରେ ଲଘୁ ଖଣିଜ ବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି, ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କାନପୁର ଡ୍ୟାମର କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା

***24 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ କାନପୁର ଡ୍ୟାମରୁ ଚାଷ ଜମିକୁ ଜଳସେଚନ କରିବା ନିମନ୍ତେ ଜୁନ ୨୫ ତାରିଖ ସୁଦ୍ଧା ଉଦଘାଟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଅଦ୍ୟାବଧି ଏହି ଉଦଘାଟନ କାର୍ଯ୍ୟ ସମ୍ଭବପର ହୋଇନଥିବା ବିଷୟରେ ସରକାର ଅବଗତ ଅଛନ୍ତି କି; ଯଦି ଉତ୍ତର ହଁ ହୁଏ ତେବେ, କବେ ସୁଦ୍ଧା ଏହି ଉଦଘାଟନ କାର୍ଯ୍ୟ ସମ୍ପନ୍ନ କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଅଛି ; (ଖ) କାନପୁର ଡ୍ୟାମରୁ କେତୋଟି ମୁଖ୍ୟ କେନାଲ ବା ଉପ କେନାଲର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ଏବଂ କେତୋଟି ଅସମ୍ପୂର୍ଣ୍ଣ ରହିଅଛି ଓ କେତୋଟି କାର୍ଯ୍ୟରତ ଅଛି ତାହା କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ ?

----

## ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅତ୍ୟାଧୁନିକ ଯନ୍ତ୍ରପାତି କ୍ରୟ

***25 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ 5 ବର୍ଷ ଭିତରେ (2019-20 ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ) କେତୋଟି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସରକାର କରିଛନ୍ତି ; ସେଥିରୁ କେତୋଟି ବନ୍ୟା, ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତି, କାଳ ବୈଶାଖୀ, ଅଂଶୁଘାତ, ଭୂସ୍ଖଳନ ଭଳି ଘଟଣା ଘଟିଛି ଓ ସରକାର ରାଜ୍ୟ ବିପର୍ଯ୍ୟୟ ସହାୟତ ପାଣ୍ଠିରୁ ମୋଟ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ; କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ କେତେ ସହାୟତା ଦେଇଛନ୍ତି ବର୍ଷୱାରୀ ରିପୋର୍ଟ ଦେବାସହ କେଉଁ କେଉଁ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ କି କି ଅତ୍ୟାଧୁନିକ ଯନ୍ତ୍ରପାତି, ଅତ୍ୟାଧୁନିକ ଉପକରଣ କ୍ରୟ କରାଯାଇଛି ; କେତୋଟି ODRAF Team ଗଠନ କରାଯାଇଛି ?

----

## ବାର୍ଷିକ ଉତ୍ପାଦନ ହେଉଥିବା ଇସ୍ପାତ

***26 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡ଼ା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ବାର୍ଷିକ କେତେ ପରିମାଣର ଇସ୍ପାତ ଉତ୍ପାଦନ ହେଉଛି ଏବଂ ଏଥିରୁ କେତେ ପରିମାଣର ଇସ୍ପାତ ରାଜ୍ୟ ଭିତରେ ଓ କେତେ ପରିମାଣର ଇସ୍ପାତ ଦେଶ ଭିତରେ ବ୍ୟବହାର ହେଉଛ; ଓଡିଶାରୁ ଉତ୍ପାଦିତ କେତେ ପରିମାଣର ଇସ୍ପାତ ଦେଶ ବାହାରକୁ ରପ୍ତାନି ହେଉଛି ; ଓଡିଶାରୁ ଇସ୍ପାତଗୁଡିକ ଗତ ୫ବର୍ଷରେ କେଉଁ କେଉଁ ଦେଶକୁ କେତେ ପରିମାଣରେ ରପ୍ତାନି ହୋଇଛି ଓ ଏଥିରୁ କେତେ ପରିମାଣର ବୈଦେଶିକ ମୁଦ୍ରା ଓଡିଶାକୁ ମିଳିଛି ତାହାର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ଲିଫ୍ଟ ପଏଣ୍ଟ ଦ୍ୱାରା ଜଳସେଚନ

***27 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ 2014 ମସିହା ପୂର୍ବରୁ କେତେ ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ଥିଲା, ବର୍ତ୍ତମାନ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ଲିଫ୍ଟ ପଏଣ୍ଟ ନୂତନ ଭାବେ ବସିଛି, କୃଷକ ମାନଙ୍କ ସୁବିଧା ପାଇଁ ଗତ 10 ବର୍ଷ ମଧ୍ୟରେ କେଉଁ ଜିଲ୍ଲାରେ ସରକାର କଣ ଜଳସେଚନ ସୁବିଧା ପାଇଁ ପଦକ୍ଷେପ ନେଇଛନ୍ତି ସମସ୍ତ ବିଷୟରେ ବିବୃତି ରଖିବେ କି ?

----

## ରାଜସ୍ୱ ବୃଦ୍ଧି ସମ୍ପର୍କରେ

***28 ଶ୍ରୀ ଶତ୍ରୁଘ୍ନ ଜେନା (କାମାକ୍ଷାନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କାମାକ୍ଷାନଗର NAC ରେ ପ୍ରାୟ ୮୦ ଭାଗ ଜନବସତି ଜଙ୍ଗଲ ମେଲାରେ ଅବସ୍ଥିତ, ସେମାନଙ୍କ ପ୍ରତି ତୁରନ୍ତ ପ୍ରତିକାର କଲେ ରାଜସ୍ୱ ବୃଦ୍ଧି ହେବ ଏବଂ ଜନସାଧାରଣ ପଟ୍ଟା ପାଇ ଉପକୃତ ହେବେ ଏବଂ ଛାତ୍ରଛାତ୍ରୀ ମାନେ Residential Certificate ପାଇପାରିବେ, ଏହାର କେବେ ପଦକ୍ଷେପ ନେବେ ?

----

## Auction of Non-Coal Mining Blocks

***29** **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the exact status of the 20 non-coal mining blocks auctioned between 2016-17 and 2022-23 in Odisha that continue to remain non-operational despite PMO-level intervention through the PRAGATI cell? (b) For how long is the state government expected to bear the revenue loss resulting from these delays, and what compensation mechanism exists for states? What specific timelines has the Ministry set for companies like Rungta Mines, Tata Steel, and JSW Steel to commence operations on their respective iron ore blocks and what penalties are stipulated for non- compliance?

----

## ଭୂମି ଓ ଜଳ ପରିଚାଳନା

***30** **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଭୂମି ଓ ଜଳ ପରିଚାଳନା ପାଇଁ WALMI, ତରଫରୁ ବିଗତ ତିନି ବର୍ଷରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----